# ବିଜ୍ଞପ୍ତି

ସଂଖ୍ୟା 6184 (ଟିବିଏସ୍) ତା 30.10.09 ରିଖ

## 2010 - 2012 ମସିହା ପାଇଁ ପାଠ୍ୟ ପୁସ୍ତକ ବିକ୍ରେତା ପଞ୍ଜିକରଣ ସମ୍ବନ୍ଧରେ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକର ବିକ୍ରୟ ପାଇଁ ପରିଷଦ ତରଫରୁ **ନୂତନ ବିକ୍ରେତା ପଞ୍ଜିକରଣ** ଏବଂ **ପୁରାତନ ବିକ୍ରେତା ନବୀକରଣ** ନିମନ୍ତେ ଇଚ୍ଛୁକ ପୁସ୍ତକ ବ୍ୟବସାୟୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଏଥିନିମିତ୍ତ ନିର୍ଦ୍ଧାରିତ ଫର୍ମ ପରିଷଦର ୱେବ ସାଇଟ୍ (www.bseorissa.in) କିମ୍ବା ମୁଖ୍ୟ କାର୍ଯ୍ୟାଳୟ, ବଜ୍ରକବାଟି ରୋଡ୍, କଟକରୁ ସଂଗ୍ରହ କରାଯାଇପାରେ । ସମ୍ପୂର୍ଣ୍ଣ ତଥା ସଠିକ୍ ଭାବରେ ପୂରଣ କରାଯାଇଥିବା ଫର୍ମ ତା ୩୦.୧୧.୨୦୦୯ ସୁଦ୍ଧା ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଅନ୍ୟଥା, କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ । ଡାକ ଯୋଗେ ପଠାଇଥିବା ଫର୍ମ ନିର୍ଦ୍ଦିଷ୍ଟ ତାରିଖରେ ନ ପହଞ୍ଚିଲେ ପରିଷଦ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଉପରୋକ୍ତ ନୂତନ ପଞ୍ଜିକରଣ ନିମନ୍ତେ ଟ.୧୫୦୦/- (ଏକ ହଜାର ପାଞ୍ଚଶହ) ଟଙ୍କା ଏବଂ ନବୀକରଣ ନିମନ୍ତେ ଟ. ୫୦୦/- (ପାଞ୍ଚଶହ) ଟଙ୍କା ମୂଲ୍ୟର ବ୍ୟାଙ୍କଡ୍ରାଫ୍ଟ **ସେକ୍ରେଟାରୀ, ମାଧ୍ୟମିକ ଶିକ୍ଷା ପରିଷଦ,ଓଡିଶା (Secretary, Board of Secondary Education, Orissa, Payable at Cuttack** ଙ୍କ ନାମରେ ଏବଂ **କଟକ ଠାରେ ପ୍ରାପ୍ୟ** ପାଇଁ ପ୍ରସ୍ତୁତ କରି ପୂରଣ କରାଯାଇଥିବା ଫର୍ମ ସହିତ ଦାଖଲ କରିବାକୁ ହେବ । ଜାଣିରଖିବା ଉଚିତ୍ ଯେ ଏହି ଦେୟ ଫେରସ୍ତ ଦିଆଯିବ ନାହିଁ ।

ନୂତନ ବିକ୍ରେତା ଚୟନ କିମ୍ବା ନବୀକରଣ ପାଇଁ ପରିଷଦର ନିର୍ଦ୍ଧାରଣ ଚୂଡାନ୍ତ ।

(ନିହାର ରଞ୍ଜନ ମହାପାତ୍ର)

ସଂପାଦକ